# Akashvani, Sambalpur

## SAMBALPURI NEWS BULLETIN

### 18 December 2024- 6.47- 6.52 am.

************************************************

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ        ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ ଦିନ୍‌ବେଲା ସିଦ୍ଧମଠ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ବେଲ୍‌ବୁଡ଼େ ମୁଖ୍ୟମନ୍ତ୍ରୀ କାଳୀ ପଡ଼ିଆଠାନେ ଗୋନାସିକା ମହୋତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ୩ ଦିନିଆ ଗସ୍ତଥି ମୁଖ୍ୟମନ୍ତ୍ରୀ ଗଲାକାଏଲ୍ ଅଶୋକ୍‌ବାଟିକା ନ ହେଇଥିବା ୭ ନମ୍ବର୍ ସର୍ବଭାରତୀୟ ସାନ୍ତାଳି ଲେଖକ୍ ସମ୍ମିଳନୀଥି ଯୋଗ୍ ଦେଇଥିଲେ ।

କେନ୍ଦ୍ରମନ୍ତ୍ରୀ        ଆର୍ଏନ୍ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସରକାର୍ ଭାରତ୍‌କେ ଏକବିଂଶ ଶତାବ୍ଦୀର୍ ଜ୍ଞାନ୍ ଅର୍ଥନୀତିଥି ବଦ୍‌ଲାବାର୍‌କେ

ଚେରେଷ୍ଟା କରୁଛନ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସମ୍ବୋଧିତ୍ କରିକରି  ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଇ ଦଶନ୍ଧି ଭାରତ୍‌ର ଶିକ୍ଷା ଦିଗେ ଗୁଟେ ପରିବର୍ତନ୍‌ଶୀଲ୍ ଯାତ୍ରା ଆର୍ ଉତ୍କର୍ଷତା ଲାଗି ପ୍ରତିବଦ୍ଧତାକେ ଦର୍ଶଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲା ୧୦ ବଛର୍ ଭିତ୍‌ରେ ଦେଶେ ସ୍କୁଲ୍ ଭିତିଭୂମି ମଜ୍‌ବୁତ୍ ହେବାର୍ ସଙ୍ଗେ ଛାତ୍ରଛାତ୍ରୀଙ୍କର୍ ସୁବିଧା ବହୁତ୍ ବଢ଼ିଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ସେ କହିଛନ୍ ଯେ, ୨୦୧୩-୧୪ ବଜେଟ୍‌ଥି ଫି’ ଛାତ୍ରଛାତ୍ରୀଙ୍କର୍ ଲାଗି ଖର୍ଚ୍ଚର୍ ପରିମାଣ୍ ୧୦ ହଜାର୍ ୭ ଶହ ୮୦ ଟଙ୍କା ଥିଲା ବେଲ୍‌କେ ୨୦୨୧-୨୨ ବଜେଟ୍‌ଥି ଇଟା ୨୫ ହଜାର୍ ୪୩ ଟଙ୍କାକେ ବଢ଼ାଯାଇଛେ । ଗଲା ୧୦ ବଛର୍ ଭିତ୍‌ରେ ଦେଶେ ୮ ଟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୭ ଟା ଆଇଆଇଟି, ୮ ଟା ଆଇଆଇଏମ୍ ସହେତେ ୪୨ ଟା ନୂଆଁ ଅଗ୍ରଣୀ ଅନୁଷ୍ଠାନ୍ ସ୍ଥାପିତ୍ ହେଇଛେ । ମହିଳାମାନ୍‌କର୍ ନାଁଲେଖାଥି ୩୮ ଦଶ୍‌ମିକ୍ ୪ ପ୍ରତିଶତ୍ ବଢ଼ିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । ଶିକ୍ଷା ଦିଗେ ବିଶ୍ୱସ୍ତରୀୟ ସ୍ୱୀକୃତି, କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍‌ସିଟି ରେଙ୍କିଙ୍ଗ୍- ୨୦୨୫ ଥି ୪୬ ଝନ୍ ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନ୍ ନ ଜାଗା ପାଇଛନ୍ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ I&PR

ଭୁବନେଶ୍ୱର୍ ଆଦିବାସୀ ପଡ଼ିଆ ନ ଆଏଜ୍‌ଠାନୁ ୩ ଦିନ୍‌ତକ୍ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ୍ -୨୦୨୪ ମୁଲ୍ ହେବାର୍‌କେ ଯାଉଛେ । ଇ ବଛର୍ ୩୦ ଟା ଜିଲ୍ଲାନୁ ପାଖାପାଖି ହଜାରେ ନୁ ଅଏତ୍‌କା ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍ ଯୋଗ୍ ଦେବେ । ଇତାର୍‌ସଙ୍ଗେ ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆର୍ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ ତର୍‌ଫୁ ୧୦ କ୍ଲାସ୍ ବୋର୍ଡ୍ ପରୀକ୍ଷାଥି ଭଲ୍ ପ୍ରଦର୍ଶନ୍ କରିଥିବା ଶହେ ଝନ୍ ଛାତ୍ରଛାତ୍ରୀଙ୍କୁ ଇଥି ସମ୍ମାନିତ୍ କରାଯିବା । ସେନ୍ତା ଭଲ୍ ପ୍ରଦର୍ଶନ୍ କରିଥିବା ୫୦ ଟା ହାଇସ୍କୁଲ୍‌କେ ଭିଲ୍ ସମ୍ମାନିତ୍ କରାଯିବା । ଇ ସମାରୋହଥି ପଂଚାୟତ୍‌ରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ୍ ମହୋତ୍ସବ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ହେଇଥିବା ୬ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ୍ ମହୋତ୍ସବ୍ -୨୦୨୪ ଗଲାକାଏଲ୍ ଉଦ୍‌ଯାପିତ୍

ହେଇଯାଇଛେ । ଇ ବଛର୍ ମେଳାଥି ଶହେ ୫୦ ପ୍ରକାଶକ୍ ଆର୍ ବହି ବିକ୍ରେତା ଭାଗ୍ ନେଇଥିଲେ ଆର୍ ୪ ଶହ ନୁ ଅଏତ୍କା ଷ୍ଟଲ୍ ଲାଗିଥିଲା । ଇଥର ୩ କୋଟିନୁ ଅଏତ୍କା ବେପାର୍ ହେଇଥିବାର୍ ଜନାପଡ଼ିଛେ । ପୁସ୍ତକ ମହୋତ୍ସବ୍ର ଉଦ୍ଯାପନୀ ଉତ୍ସବ୍ଥି ଓଡ଼ିଆ ଭାଷା ସାହିତ୍ୟ ଆର୍ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ବହିର୍ ବିକଳ୍ପ ନାଇଁନ ଆର୍ ସାମାଜିକ ଗଣମାଧ୍ୟମ୍ ଯୁଗଥି ଭିଲ୍ ବହିର୍ ଚାହିଦା ବଢ଼ିଛେ ବଲି କହିଛନ୍ ।

ଉତ୍କର୍ଷ ଓଡ଼ିଶା ଆର୍ଏନ୍ୟୁ / ସମ୍ବଲପୁର

ନିବେଶକ ସମ୍ମିଳନୀଥି ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ୱେବ୍ ସାଇଟ୍ ଗଲା କାଏଲ୍ ଉନ୍ମୋଚିତ୍ ହେଇଛେ । ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଇଟାକେ ଉନ୍ମୋଚନ୍ କରିଛନ । ମେକ୍ ଇନ୍ ଓଡ଼ିଶା ନିବେଶକ୍ ସମ୍ମିଳନୀଥି ଯୋଗ ଦେବାର୍ ଲାଗି ଅଂଶୀଦାର୍ମାନେ ଇଟାର୍ ଜରିଏ ପଞ୍ଜିକୃତ୍ କରିପାର୍ବେ । ଇ ୱେବ୍ସାଇଟ୍ଥି ଭିନ୍ ଭିନ୍ ଫୋକସ୍ ଏରିଆ ଡିଜିଟାଲ୍ ମାଧ୍ୟମ୍ଥି ନିବେଶକ୍ ଇଂଟେଣ୍ଟ ଫର୍ମ, କାର୍ଯ୍ୟକ୍ରମ୍ର ସୂଚୀ, ପଞ୍ଜୀକରଣର ପ୍ରକ୍ରିୟା ବାବ୍ଦେ ସୂଚ୍ନା ମିଳି ପାର୍ବା । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ଯେ, ଉତ୍କର୍ଷ ଓଡ଼ିଶା କନ୍କ୍ଲେଭ୍ ଲାଗି ଇ ୱେବ୍ସାଇଟ୍ ଫାଟକ୍ ହେବା ।

ପୁରୀ ଶ୍ରୀମନ୍ଦିର୍- ଦିବାପହୁଡ଼ ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର୍ ଦିବା ପହୁଡ଼ ନୀତି କରାଯିବା । ହେଥିର୍ଲାଗି ଦୁଇପହରର୍ ସାଢ଼େ ୨ ବଜେନୁ ବେଲ୍ବୁଡ଼ର୍ ୬ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ଇ ବାବ୍ଦେ ଶ୍ରୀଜଗନ୍ନାଥ୍ ମନ୍ଦିର୍ କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ପହିଲି ଭୋଗ ମାସେ ଦିନ୍କିଆ ଦିବାପହୁଡ଼ ଗୁଟେ ଖାସ୍ ନୀତି ହେଇଥିବାର୍ ବେଲେ ରତ୍ନଭଣ୍ଡାର୍ ମରାମତି କାମ୍ ଆର୍ ଭକ୍ତମାନ୍କର୍ ଭିଡ଼୍କେ ନଜର୍ଥି ରଖିକରି ପରମ୍ପରାର୍ ସୂଚକ ଭାବେ ଇ ନୀତିକେ ଆଏଜ୍ ଖାଲି ଗୁଟେ ଦିନ୍ କର୍ବାର୍ ଲାଗି ଛତିଶା ନିଯୋଗ୍ ବୈଠକ୍ଥି ନିଷ୍ପତି ହେଇଥିଲା । ସେଆଡ଼େ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଗଲାକାଏଲ୍ନୁ ମୁଲ୍ ହେଇଛେ । ହେଲେ ଆଏଜ୍ ମହାପ୍ରଭୁଙ୍କର୍ ଦିବା ପହୁଡ଼ ନୀତି ରହୁଥିବାର୍ନୁ କାମ୍ ବନ୍ଦ୍ ରହେବା । ଆଏବାକାଏଲ୍ଠାନୁ ଫେର୍ଘାଏ ମରାମତି ମୁଲ୍ କରାଯିବା ବଲି ଏଏସ୍ଆଇ ତର୍ଫୁ ସୂଚ୍ନା ମିଲିଛେ ।

ଆନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ୍ ଦିବସ       ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ୍ ଦିବସ୍ । ପ୍ରବାସୀ ଶ୍ରମିକ ଆର୍ ସେମାନ୍‌କର ପରିବାର୍‌ର ଅଧିକାର୍ ଆର୍ ସୁରକ୍ଷା ସହେତେ ଦେଶ୍ ଆର୍ ସମାଜ୍ ଗଠନ୍‌ଥି ସେମାନ୍‌କର୍ ଅବ୍‌ଦାନ୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ୨୦୦୦ ମସିହାନୁ ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ୍ ଦିବସ୍ ପାଲନ୍ କରାଯାଉଛେ । ଦେଶର୍ ଅର୍ଥନୀତିଥି ଲାଖ୍ ଲାଖ୍ ପ୍ରବାସୀଙ୍କର୍ ଅବ୍‌ଦାନ୍‌କେ ମନେ ପକେଇକରି ସେମାନ୍‌କର୍ ମାନବିକ ଅଧିକାର୍‌କେ ସମ୍ମାନ୍ ଦେବାର୍ ଆର୍ ସଚେତନତା ସୃଷ୍ଟି କର୍‌ବାର୍ ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଜାତିସଂଘର ଗୁଟେ ସଂସ୍ଥାର୍ ରିପୋର୍ଟ ଅନ୍‌ସାରେ ପୁର୍‌ଥି ନ ସବୁନୁ ଅଏତ୍‌କା ଭାରତୀୟ ପ୍ରବାସୀ ଅଛନ୍ ।

ବିଶ୍ୱ ଯୁବ ସମ୍ମିଳନୀ- ଆଇଆଇଏମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ କେମ୍ପସ୍ ଠାନେ ଥିବା ଓଡ଼ିଶାର୍ ପ୍ରୋଜେକ୍ଟ ପଏଂଟ୍ ଆନୁକୂଲ୍ୟଥି ଆନ୍ତର୍ଜାତିକ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ବିଶ୍ୱ ଯୁବ ସମ୍ମିଳନୀ ଅନୁଷ୍ଠିତ୍ ହେଇଯାଇଛେ । ଇଥି

ଆଇଆଇଏମ୍‌ର ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଯଯଶ୍ୱାଲ୍ ଯୋଗ ଦେଇକରି କହିଛନ୍ ଯେ, ଇ ଅଂଚଲ୍‌ର ସାଂସ୍କୃତିକ୍ ଐତିହ୍ୟ ଉତ୍କୃଷ୍ଟ ହସ୍ତତନ୍ତ ଅନ୍ତର୍ଜାତୀୟ ପର୍ଯ୍ୟଟନ୍ କ୍ଷେତ୍ରଥି ଇତାକେ ଗୁଟେ ଆକର୍ଷଣୀୟ ଜାଗାଥି ପୁହୁଁଚେଇପାରିଛେ । ଇଥି ଦେଶର୍ ପାଖାପାଖି ୪ ଶହ ପ୍ରତିନିଧି ଭାଗ୍ ନେଇଥିଲେ ।